Largest Circulated Odia Daily

SAMBAD ସମ୍ବାଦ ସର୍ବାଧିକ ପ୍ରସାରିତ ଓଡ଼ିଆ ଦୈନିକ

+2 SC. | KSSC | Vocational | Diploma
MBBS | BDS | Nursing | MBA | MCA
BTech | MTech | Ph.D.
KIIT www.kiit.org

ଏକ ସଙ୍ଗେ ପ୍ରକାଶିତ ଓ ପ୍ରସାରିତ | ଅନୁଗୁଳ | ବାଲେଶ୍ୱର | ଭୁବନେଶ୍ୱର | କଟକ | ବ୍ରହ୍ମପୁର | ଜୟପୁର | ରାଉରକେଲା | ସମ୍ବଲପୁର

**ଭାରତ ଦ୍ୱିତୀୟ ଇନିଂସ ୨୩୭/୫, ଭାରତ ୨୯୭ ରନ୍‌ରେ ଅଗ୍ରଣୀ, ଇରଫାନ୍ ପଠାନଙ୍କ ମୂଲ୍ୟବାନ ୯୩ ରନ୍,**

ତାରିଖ : ୧୨/୧୨/୨୦୦୫


- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ


ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୧୪.୪ | ୨୮.୦ |
| କଟକ | ୧୨.୦ | ୨୮.୧ |
| ବାଲେଶ୍ୱର | ୧୦.୯ | ୨୭.୮ |
| ଗୋପାଳପୁର | ୧୬.୨ | ୨୭.୬ |
| ଝାରସୁଗୁଡ଼ା | ୧୦.୦ | ୨୬.୬ |

ବିତର୍କ/ମତାମତ ସଂଗ୍ରହ

କେନ୍ଦ୍ର ଅର୍ଥ ଖର୍ଚ୍ଚ ହେଉନଥିବା ମୀରା କୁମାରଙ୍କ ମନ୍ତବ୍ୟ ରାଜ୍ୟ ସରକାରଙ୍କ ଅପାରଗତାର ପ୍ରମାଣ କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

### • ରାଷ୍ଟ୍ରୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାନାନ୍ତର ପ୍ରସଂଗରେ ସଂସଦ ମୁଲତବୀ

ନୂଆଦିଲ୍ଲୀ, (ଇମିସ): ରାଷ୍ଟ୍ରୀୟ ବିଜ୍ଞାନ ପ୍ରତିଷ୍ଠାର ପ୍ରସ୍ତାବିତ ଭୁବନେଶ୍ୱର ଶାଖାକୁ କଲିକତାକୁ ସ୍ଥାନାନ୍ତର କରିବା ପ୍ରସଂଗକୁ ନେଇ ଲୋକସଭା ଗତକାଲି ପୁଣି ସ୍ଥଗିତ ହୋଇଛି। ଏହି ପ୍ରସଂଗକୁ ନେଇ ବିଜେପି ସାଂସଦ ଖାରବେଳ ସ୍ୱାଇଁ ଓ ଲୋକସଭା ବାଚସ୍ପତି ସୋମନାଥ ଚାଟାର୍ଜୀଙ୍କ ମଧ୍ୟରେ ତୁମୁଳ ବାକ୍ୟ ବିନିମୟ ହୋଇ ଦଶ ମିନିଟ୍ ପୂର୍ବରୁ ଗତକାଲି ଲୋକସଭାକୁ ବାଚସ୍ପତି ସ୍ଥଗିତ କରି ଦେଇଥିଲେ। ସାଧାରଣତଃ ଗୃହ ପରିଚାଳନାର ନିୟମଗୁଡ଼ିକୁ ସର୍ବଦା ମାନୁଥିବା ଓ ଗୃହର ମଧ୍ୟ ଭାଗକୁ ଯାଉ ନ ଥିବା ଶ୍ରୀ ସ୍ୱାଇଁ ଗୃହର ମଧ୍ୟ ଭାଗକୁ ଯାଇ ବାଚସ୍ପତିଙ୍କ ସହ ଯୁକ୍ତିତର୍କ କରିବା ଗୃହରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା।

ଗତ ୮ ତାରିଖ ଦିନ ସାଂସଦ ଶ୍ରୀ ସ୍ୱାଇଁ ଶୂନ୍ୟକାଳରେ ରାଷ୍ଟ୍ରୀୟ ବିଜ୍ଞାନ ପ୍ରତିଷ୍ଠାର ସ୍ଥାନାନ୍ତର ପ୍ରସଂଗ ଉଠାଇବା ପାଇଁ ନୋଟିସ୍ ଦେଇଥିଲେ। ମାତ୍ର ସେହିଦିନ ଏହି ପ୍ରସଂଗକୁ ଉଠାଇବା ପାଇଁ ବାଚସ୍ପତି ଶ୍ରୀ ସ୍ୱାଇଁଙ୍କୁ ସୁଯୋଗ ଦେଇ ନ ଥିବାରୁ ଶ୍ରୀ ସ୍ୱାଇଁ ତାଙ୍କୁ ସାକ୍ଷାତ କରି ସେ ବିଷୟରେ ପ୍ରଶ୍ନ କରିଥିଲେ। ଏହି ଅଧିବେଶନ ଆରମ୍ଭରେ ତାଙ୍କ ଦ୍ୱାରା ଆଗତ ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବକୁ ମଧ୍ୟ ଏ ଯାଏ କାହିଁକି ଆଲୋଚନା ପାଇଁ ଗ୍ରହଣ କରାଯାଇ ନାହିଁ ବୋଲି ଶ୍ରୀ ସ୍ୱାଇଁ ପ୍ରଶ୍ନ କରିଥିଲେ। ଉଲ୍ଲେଖଯୋଗ୍ୟ, ଓଡ଼ିଶାର ବିଜେଡ଼ି-ବିଜେପି ସାଂସଦଙ୍କ ଦ୍ୱାରା ଏହି ପ୍ରସଂଗ ଉଠା ହେବା ଦିନ ଗୃହର ନେତା ପ୍ରଣବ ମୁଖାର୍ଜୀ ଏ ସମ୍ପର୍କରେ ତଥ୍ୟ ଅନୁସନ୍ଧାନ କରି ଗୃହରେ ବିବୃତି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ବିବୃତି ଦେଇ ନାହାନ୍ତି। ଶ୍ରୀ ସ୍ୱାଇଁ ବାଚସ୍ପତିଙ୍କୁ ସାକ୍ଷାତ କରିବା ସମୟରେ ସେ ଏହି ବିଷୟ ତତ୍ ପରଦିନ ଶୂନ୍ୟ କାଳରେ ଉଠାଇବାକୁ ସୁଯୋଗ ଦେବାକୁ ବାଚସ୍ପତି ରାଜି ହୋଇଥିଲେ। ସେହିମତେ ଗତକାଲି ଶ୍ରୀ ସ୍ୱାଇଁ ଶୂନ୍ୟ କାଳରେ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାନାନ୍ତର ପ୍ରସଂଗ ଉଠାଇ ଗୃହରେ ଉପସ୍ଥିତ ଥିବା ପ୍ରତିରକ୍ଷା ମନ୍ତ୍ରୀ ପ୍ରଣବ ମୁଖାର୍ଜୀ ଏ ବିଷୟରେ ଉତ୍ତର ଦିଅନ୍ତୁ ଅବା କେବେ ଉତ୍ତର ଦେବେ ତାହା କହିବାକୁ ଦାବି କରିଥିଲେ। ବାଚସ୍ପତି ଶ୍ରୀ ଚାଟାର୍ଜୀ ସାଂସଦ ସ୍ୱାଇଁଙ୍କୁ କହିବାକୁ ସୁଯୋଗ ନ ଦେବାରୁ ଉତ୍‌କ୍ଷିପ୍ତ ଶ୍ରୀ ସ୍ୱାଇଁ ଗୃହର ମଧ୍ୟ ଭାଗକୁ ଚାଲି ଆସିଥିଲେ। ବାଚସ୍ପତି ତାଙ୍କୁ ଗୃହରୁ ବାହାର କରିଦେଲେ ମଧ୍ୟ ଏ ପ୍ରସଂଗ ବିଷୟରେ ସେ କହିବେ ବୋଲି ଶ୍ରୀ ସ୍ୱାଇଁ ଦାବି କରିବାରୁ ବାଚସ୍ପତିଙ୍କ ସହ ତାଙ୍କର ପ୍ରବଳ ବାକ୍ୟ ବିନିମୟ ହୋଇଥିଲା। ଓଡ଼ିଶାବାସୀଙ୍କ ସହ କେନ୍ଦ୍ର ସରକାର ପା



**ଭାରତ ସଂସଦୀୟ ଇତିହାସରେ ସବୁଠାରୁ ଲଜ୍ଜାଜନକ ଦ ବସରେ ସାମ୍ବାଦିକମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଉଛନ୍ତି ଲୋକସଭାର ବାଚସ୍ପତି ସୋମନାଥ ଚାଟାର୍ଜୀ। ୧୧ ଜଣ ସାଂସଦ ସଂସଦରେ ପ୍ରଶ୍ନ କରିବା ପାଇଁ ଲାଞ୍ଚ ନେଉଥିବା ଗଣମାଧ୍ୟମରେ ପ୍ରସାରିତ ହେବା ପରେ ଗଣତନ୍ତ୍ରପ୍ରେମୀ ଭାରତୀୟ ହତବମ୍ବ ହୋଇପଡ଼ିଛନ୍ତି।**

ଅନ୍ୟାନ୍ୟ ଖବର


- ଶାନ୍ତି ଆପାର୍ଟମେଣ୍ଟରେ ମମତା ସ୍ୱାମୀର ଦଇଟି ଫ୍ଲାଟ
- ଗୁଣପୁର: ଅବକାରୀ ଚଢ଼ାଉ, ଲକ୍ଷାଧିକ ଟଙ୍କାର ମଦ ଓ ମଦ ରନ୍ଧା ସାମଗ୍ରୀ ଜବତ
- ଦୁଃଖିନୀ ଗେହ୍ଲି, ଦୁଃଖ ବୁଝିବାକୁ କେହି ନାହାନ୍ତି
- ୧୬୯ ବିଧାୟକ ନିର୍ଧାରିତ ହାଇସ୍କୁଲର ୨ ହଜାର ଶିକ୍ଷକ ଅନଶନରେ
- ଏସ୍‌ସିଇଆରଟି ନୂଆ ନିର୍ଦ୍ଦେଶକ
- କର୍ପୋରେଟର ପାଇଁ ପ୍ରାର୍ଥୀପତ୍ର ଦାଖଲ
- ସୈନିକ ସ୍କୁଲ: ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ, ହଷ୍ଟେଲ ଖାଲି କରିବାକୁ ନିଦେଶ
- ଯୁବକଙ୍କୁ ଆକ୍ରମଣ
- ତିନି ଦେହଜୀବୀଙ୍କୁ ଧରି ଚଣ୍ଡିଖୋଲ-ପାରାଦୀପ ରାଜପଥ ଅବରୋଧ
- ଅଗ୍ନିକାଣ୍ଡ: ୫୬ଟି ଘର ଭସ୍ମୀଭୂତ
- ସୃଷ୍ଟି ଏକାଡେମିର ଷ୍ଟକ ମାର୍କେଟ ସମ୍ବନ୍ଧୀୟ ଆଲୋଚନାଚକ୍ର
- ନିର୍ବାଚନ ମଣ୍ଡଳୀ ବିଭାଜନକୁ ବିରୋଧ କରି ରାସ୍ତାରୋକ

ତରଅନ୍ତର କରୁଛନ୍ତି ବୋଲି ଶ୍ରୀ ସ୍ୱାଇଁ ଅଭିଯୋଗ କରିବାରୁ ମଧ୍ୟାହ୍ନ ଭୋଜନର ୧୦ ମିନିଟ୍ ପୂର୍ବରୁ ଗୃହକୁ ବାତିଲ କରି ଦେଇ ବାଚସ୍ପତି ଚାଲି ଯାଇଥିଲେ। ଏତିକିରେ ସନ୍ତୁଷ୍ଟ ନ ହୋଇ ସାଂସଦ ଶ୍ରୀ ସ୍ୱାଇଁ ଗୃହରେ ସେ ପର୍ଯ୍ୟନ୍ତ ବସିଥିବା ପ୍ରତିରକ୍ଷା ମନ୍ତ୍ରୀ ପ୍ରଣବ ମୁଖାର୍ଜୀଙ୍କ ପାଖକୁ ଯାଇ ସେ କେବେ ବିବୃତି ଦେବେ ବୋଲି ପଚାରିଥିଲେ। ଶ୍ରୀ ସ୍ୱାଇଁଙ୍କଠାରୁ ପ୍ରକାଶ ଯେ ଆସନ୍ତା ଦୁଇ ତିନି ଦିନ ମଧ୍ୟରେ ଗୃହର ନେତା ଶ୍ରୀ ମୁଖାର୍ଜୀ ଏ ପ୍ରସଂଗରେ ନିଜର ବିବୃତି ଉପସ୍ଥାପନ କରିବେ।

ପୂର୍ବପୃଷ୍ଠା


- ମାଙ୍କଡ଼ ଉପଦ୍ରବ, ଚାଷୀ ଆତଙ୍କିତ
- ଟ୍ରକ୍ ଧକ୍କାରେ ଯୁବକ ମୃତ


Copyright © 2001 orissasambad.com

Site Developed by : www.wayindia.com